# ଚିଲିକାରେ ସାୟନ୍ତନ

● ରାଧାନାଥ ରାୟ

(୧୮୪୮-୧୯୦୮)

**କବି ପରିଚୟ :**

*ଆଧୁନିକ ଓଡ଼ିଆ କାବ୍ୟଧାରାର ଭିତ୍ତି ସଂସ୍ଥାପକ କବିବର ରାଧାନାଥ ରାୟ ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାରପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ଊନବିଂଶ ଶତାବ୍ଦୀରେ ଶିକ୍ଷକରୁ ସେ ବଙ୍ଗ-ବିହାର-ଓଡ଼ିଶାର ବିଦ୍ୟାଳୟ ସମୂହର ଶିକ୍ଷା ବିଭାଗରେ ଇନିସ୍‌ପେକ୍ଟର ହୋଇ ପାରିଥିଲେ । ନୂଆରୀତିରେ ଓଡ଼ିଆ କାବ୍ୟ ରଚନାକରି ଚର୍ଚ୍ଚିତ ହୋଇଥିବା ରାଧାନାଥଙ୍କ କବିକୀର୍ତ୍ତିର ଗୌରବାବହ କୃତି ମଧ୍ୟରେ କେଦାରଗୌରୀ, ନନ୍ଦିକେଶ୍ୱରୀ, ଚନ୍ଦ୍ରଭାଗା, ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା, ଉର୍ବଶୀ ଆଦି କାବ୍ୟ ଓ "ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ (ଭାରତ ସ୍ମରଣୀୟା ଗୀତିକା) ରଚନା ରାଧାନାଥଙ୍କ ସଂସ୍କୃତ ଗୀତି-ପ୍ରତିଭାର ଅପୂର୍ବ ସ୍ୱାକ୍ଷର ବହନକରେ । ଅନୂଦିତ କୃତିର ସ୍ୱାକ୍ଷର 'ମେଘଦୂତ' ଓ 'ତୁଳସୀ ସ୍ତବକ' ରାଧାନାଥଙ୍କ ବହୁପାଠିତା, ପାଣ୍ଡିତ୍ୟ ଓ କବିତ୍ୱର ଉଚ୍ଚକୋଟୀର ନିଦର୍ଶନ ।*

*ପ୍ରକୃତିକୁ ନାୟିକା କରି ଚିଲିକା ଖଣ୍ଡକାବ୍ୟ ରଚନା କରିବାରେ ତାଙ୍କ ବୈଶିଷ୍ଟ୍ୟ ସ୍ୱୀକୃତ । 'ଚିଲିକାରେ ସାୟନ୍ତନ' ଅଂଶଟି ଚିଲିକା ଖଣ୍ଡକାବ୍ୟରୁ ଆନୀତ । ଏଥିରେ ସନ୍ଧ୍ୟାକାଳୀନ ଚିଲିକାର ମନୋରମ ଦୃଶ୍ୟ ବର୍ଣ୍ଣନା କରାଯାଇଛି । କବିସୂର୍ଯ୍ୟଙ୍କ ଗୀତାମୃତ ସ୍ମରଣ, ଜାତୀୟ ଭାବନାର ଉଦ୍‌ବେଳନ ଜୀବନପ୍ରତି ଶାଶ୍ୱତ ବାର୍ତ୍ତା ଓ କବିଙ୍କ ସୌନ୍ଦର୍ଯ୍ୟ ଚିତ୍ତବୃତ୍ତି ଆଦି ଏଥିରେ ପ୍ରକାଶିତ ।*

---

**ପ୍ରା**ଚୀ-ମୂଳ ଏବେ ମୀନଜୀବୀ ନାବେ
ଛାୟାକାରେ ଚିତ୍ର ଦିଶେ ଠାବେ ଠାବେ,
ମତ୍ସ୍ୟ ଧରି ସେହୁ ସମୁଦ୍ର ମୁହାଣେ
ନିଜ ଗୃହ କଥା ଭାବି ଏକଧ୍ୟାନେ,
ଭାଲେରି ଶିଖରେ ସନ୍ଧ୍ୟା-ତାରା ଦେଖି
ଆସନ୍ତି ପଟିକା ମହୋଲ୍ଲାସେ ଟେକି,

ତାଙ୍କ କଣ୍ଠ-କବିସୂର୍ଯ୍ୟ-ଗୀତାମୃତ
ଦୂରୁଁ ବହି ଆଣେ ଚିଲିକା-ମାରୁତ,
ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
ହ୍ରଦ-ନୀଳ-ବକ୍ଷେ କରେ ଅଧିଷ୍ଠାନ,
ହସନ୍ତି ଚୌଦିଗେ ମଧୁର-ହାସିନୀ,
ଦିଗଙ୍ଗନା ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ,
ଭାବାନ୍ତର ପୁଣି କ୍ଷଣେ କରେ ଜାତ
"ଗଲାଣି ତ ଗଲା କଥାରେ ସଙ୍ଗାତ",
ସଙ୍ଗୀତ ଆବେଶେ ନାନାରୂପେ ମନ
ଅତୀନ୍ଦ୍ରିୟଦେଶେ କରେ ବିଚରଣ,
ଚାଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ
କି ଲୋଡ଼ିବା ଆଶେ ସେହି ତା ନ ଜାଣେ ।
ଧନ୍ୟ ସେହି ଯାର ଆଜ୍ଞା ଶିରେ ଧରି
ଏ ଲୀଳା-ରଚନ୍ତି ଦେବୀ ବାଗୀଶ୍ୱରୀ;
ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ,
ତୁମ୍ଭ ମାଟି - ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।
ମୀନ-ଆକର୍ଷଣ-ଆଶେ ପୋତପାଳ
ତରଣୀରେ ଜାଳି ଦେଲାଣି ମଶାଲ ।
ଭବେ ପାପମୂର୍ତ୍ତି ପରି ଅଟଇ ସେ,
ସ୍ପର୍ଶେ ମାରାତ୍ମକ, ରୂପେ ରମ୍ୟ ଦିଶେ;
ପାପ-ଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ,
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ,

ତରଙ୍ଗେ ଦୋହଲି ଦୋହଲି ବୋଇତ
ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ,
ଦୁଃଖିମନେ ଆଶା ଉତ୍‌ଥାନ ପତନ-
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ,
ନିଶାଗମେ କ୍ରମେ ଲୋକ-କୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ,
ଜଳ-ସ୍ଥଳ-ନଭଃ ଜ୍ୟୋତ୍ସ୍ନାପରିପ୍ଲୁତ
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ,
ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ୱଷ୍ଟାକାରେ ଶୋଭେ ହ୍ରଦ-ଅନ୍ତସ୍ତଳେ;
କ୍ଷୀରୋଦ-ସୋଦର-ଜ୍ୟୋତ୍ସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି,
ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଳେ
ଜକଜକ ହୋଇ ଜ୍ୟୋତ୍ସ୍ନା ପ୍ରତିଫଳେ,
ସର୍ପେ ଚିତ୍ର ଚନ୍ଦ୍ରଚୂଡ଼-ତନୁ ଭଳି
ଛାୟା-ମିଶ୍ର-କରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ, ନୀରବେ ଗିରି ବନଦେଶ,
ନାହିଁ ଏଥି ନର ଚହଳର ଲେଶ,
ଦୂର ଝରନାଦ, ଝିଙ୍କାରି -ଝଙ୍କାର
କରେ ନିଶୀଥିନୀ ପ୍ରଭାବ-ପ୍ରଚାର,
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ।

**ସୂଚନା :**

ପ୍ରାଚୀ - ପୂର୍ବଦିଗ

ଛାୟାକାରେ - ଛାଇ ଆକାରରେ ବା ଅସ୍ପଷ୍ଟ ରୂପେ ଦେଖାଯିବା

ଭାଲେରି - ପର୍ବତର ନାମ

ସମୁଦ୍ର ମୁହାଣ - ନଈ ସମୁଦ୍ରରେ ପଡ଼ିଥିବା ସ୍ଥଳ।

ପଟିକା - ପାଲ

ମହୋଲ୍ଲାସେ - ଖୁବ୍ ଆନନ୍ଦରେ

କବିସୂର୍ଯ୍ୟ ଗୀତାମୃତ- କବିସୂର୍ଯ୍ୟ ବଳଦେବ ରଥଙ୍କ ରଚିତ ଅମୃତଭଳି ମଧୁର ଗୀତ। ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାନନ୍ଦଚମ୍ପୂ' ଓଡ଼ିଆ ସାହିତ୍ୟରେ ଏକ କାଳଜୟୀ ସୃଷ୍ଟି।

ମାରୁତ - ବାୟୁ, ପବନ

ଦିଗଙ୍ଗନା - ଦିଗପାଳିକାଦେବୀ

ଗୀତ-ତାନ - ଗୀତର ଧ୍ୱନି

ଅଧିଷ୍ଠାନ - ଅବସ୍ଥିତି

ଦୁକୂଳ - ପାଟଲୁଗା

ଅତୀନ୍ଦ୍ରିୟ - ଇନ୍ଦ୍ରିୟମାନଙ୍କୁ ଅତିକ୍ରମ କରି

ଗଲାଣି ତ ଗଲା କଥାରେ ସଙ୍ଗାତ - କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦଚମ୍ପୂର ବ୍ୟଞ୍ଜନ ଆଦ୍ୟ 'ଗ' ବର୍ଣ୍ଣ ନିୟମରେ ରଚିତ ଚଉପଦୀ।

ବାଗୀଶ୍ୱରୀ - ସରସ୍ୱତୀ

ମୃତ୍ୟୁଞ୍ଜୟ - ମୃତ୍ୟୁକୁ ଯେ ଜୟ କରିଛି।

ଯଶୋଦେହେ - ଯଶସ୍ୱୀ ଶରୀର

ଆୟୁଷ୍ମାନ - ଦୀର୍ଘଜୀବୀ

ଆବେଶ - ବିହ୍ୱଳ

ପୋତପାଳ - ନୌକାବାହକ ବା ଚାଳକ

ତରଣୀ - ନୌକା

ବିଚରଣ - ବୁଲିବା

ମଶାଲ - ନିଆଁହୁଳା

ପାପଗର୍ତ୍ତେ - ପାପରୂପକ ଖାଲରେ

ନିବର୍ତ୍ତି - ବଞ୍ଚି ନ ପାରିବା

ଜ୍ୟୋସ୍ନା ପରିପ୍ଳୁତ - ଚନ୍ଦ୍ର କିରଣରେ ଜୁଡୁବୁଡୁ

କ୍ଷୀରୋଦ - କ୍ଷୀର ସମୁଦ୍ର

ମସୃଣ - ଚିକ୍କଣ

ଉପଳ - ବାଲିଗରଡ଼ା, ପଥର ଖଣ୍ଡ

ଚନ୍ଦ୍ରଚୂଡ଼ - ମହାଦେବ

ନିଶୀଥିନୀ - ରାତି

ଲୋକାଳୟ - ଗ୍ରାମ

ଅର୍ଣ୍ଣବ - ସମୁଦ୍ର

ନାସି - ପର୍ବତ ବା ସ୍ଥଳଭାଗ ଯାହା ନଦୀ ବା ସମୁଦ୍ର ମଧ୍ୟକୁ ପଶିଥାଏ।

ସ୍ନିଗ୍ଧ - କୋମଳ

ଶୋଭାବନ - ସୁନ୍ଦର

ସାୟନ୍ତନ - ସନ୍ଧ୍ୟାକାଳ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଭାଲେରି ଶିଖରେ ସନ୍ଧ୍ୟାତାରା ଦେଖି
ଆସନ୍ତି ପଟିକା ମହୋଲ୍ଲାସେ ଟେକି ।
ଏହି ପଦଟିରେ କବି କେଉଁମାନଙ୍କୁ ଉଲ୍ଲସିତ ହେବାର ଦେଖିଛନ୍ତି ?

(କ) ପ୍ରକୃତି ପ୍ରେମୀ (ଖ) ନୌକାଚାଳକ
(ଗ) ମୀନଜୀବୀ (ଘ) ପର୍ଯ୍ୟଟକ

୨. ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

(କ) ଗମ୍ଭୀର (ଖ) ନିଶ୍ଚଳ
(ଗ) କୋଳାହଳ ପୂର୍ଣ୍ଣ (ଘ) ନିସ୍ତବ୍ଧ

୩. ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।
ଆସେ - ଆଶେ, ଦୁକୂଳ-ଦିକୂଳ, ତରଣୀ - ତରଣି, ଦ୍ୱିପ-ଦୀପ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।
ସମୁଦ୍ର, ମାରୁତ, ଅବନୀ, ନିଶୀଥିନୀ, ବାଗୀଶ୍ୱରୀ

୫. 'ବାଗୀଶ୍ୱରୀ' ଶବ୍ଦର ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

(କ) ବାକୀଶ + ଅରୀ (ଖ) ବାଗି + ଈଶ୍ୱରୀ
(ଖ) ବାଗୀଶ + ଅରୀ (ଘ) ବାକ୍ + ଈଶ୍ୱରୀ

୬. ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ - ଏକଥା କାହାକୁ ଲକ୍ଷ୍ୟକରି କୁହାଯାଇଛି ?

(କ) କବିସୂର୍ଯ୍ୟ ବଳଦେବ ରଥ (ଖ) କବିବର ରାଧାନାଥ ରାୟ
(ଗ) ଭକ୍ତକବି ମଧୁସୂଦନ ରାଓ (ଘ) ପ୍ରକୃତିକବି ଗଙ୍ଗାଧର ମେହେର

### କ୍ଷୁଦ୍ର ଉତ୍ତରମୂଳକ :

୭. ଏହି କବିତାରେ କବି କେଉଁ ସମୟର ଦୃଶ୍ୟ ବର୍ଣ୍ଣନା କରିଛନ୍ତି ?

୮. ଦିଗଙ୍ଗନାଙ୍କ ଉଦ୍ଦେଶ୍ୟରେ କବି କେଉଁ ଶବ୍ଦପୁଞ୍ଜ ବ୍ୟବହାର କରିଛନ୍ତି ?

୯. 'ଗଲାଣି ତ ଗଲା କଥାରେ ସଙ୍ଗାତ'ର ଅର୍ଥ କ'ଣ ?

୧୦. ପୋତପାଳ ମଶାଲ ଜାଳିଛି କାହିଁକି ?

୧୧. କବିତାରେ ସୂଚିତ କେଉଁ ଉକ୍ତିରୁ ମୀନଜୀବୀମାନଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି ବୋଲି ଜଣାପଡୁଛି ?
୧୨. ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?
୧୩. କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?
୧୪. ହ୍ରଦ ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭା ପାଉଛି ?
୧୫. ଛାୟାମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କାହାରୂପ ସହିତ ତୁଳନା କରାଯାଇଛି ?
୧୬. ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

## ସପ୍ରସଙ୍ଗ ସରଳାର୍ଥ :

୧୭. ଉଲ୍ଲାସର ଆମ୍ବା ପ୍ରାୟେ ଗୀତ-ତାନ
ହ୍ରଦ ନୀଳ-ବକ୍ଷେ କରେ ଅଧିଷ୍ଠାନ ।
୧୮. ପାପଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।
୧୯. ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ୱଷ୍ଟାକାରେ ଶୋଭେ ହ୍ରଦ-ଅନ୍ତଃସ୍ଥଳେ ।
୨୦. କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?

## ଦୀର୍ଘ ଉତ୍ତରମୂଳକ :

୨୧. ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର ।
୨୨. ଶଂସିତ କବିତା ଆଧାରରେ ମୀନଜୀବୀମାନଙ୍କର ଭାବାବେଗ ବର୍ଣ୍ଣନା କର ।
୨୩. ପଠିତ କବିତା ଅବଲମ୍ବନରେ ଚିଲିକାର ଯେଉଁ ରୂପରାଜି କବି ମାନସରେ ଉଦ୍‌ଭାସିତ ହୋଇଛି ତାହା ବର୍ଣ୍ଣନା କର ।
୨୪. କବିତା ଅନୁସରଣରେ ଚିଲିକାର ସାୟନ୍ତନ ପରିବେଶ ବର୍ଣ୍ଣନା କରି ତୁମର ଜଣେ ବନ୍ଧୁଙ୍କୁ ପତ୍ରଟିଏ ଲେଖ ।

## ତୁମ ପାଇଁ କାମ :

୨୫. ଚିଲିକା ଖଣ୍ଡକାବ୍ୟଟି ପଢ଼ ।
୨୬. ଓଡ଼ିଆ ସାହିତ୍ୟରେ ଚିଲିକା ବିଷୟରେ ଥିବା ଅନ୍ୟ ଲେଖାମାନ ସଂଗ୍ରହ କରି ପଢ଼ ।
୨୭. ଚିତ୍ର ମାଧ୍ୟମରେ ଚିଲିକାର ସାୟଂକାଳୀନ ଦୃଶ୍ୟ ଅଙ୍କନ କରି ସାହିତ୍ୟ ଶିକ୍ଷକଙ୍କୁ ଦେଖାଅ ।

◆